# ଗ୍ରାମୀଣ କୃଷି ମୌସମ ସେବା

## ଭାରତ ପାଣିପାଗ ବିଭାଗ

## ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

## ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର,ଚିପିଲିମା

ସଂଖ୍ୟା – ୫୨ (ଓଡ଼ିଆ ବୁଲେଟିନ୍)    ସପ୍ତାହ – ୨୬    ତାରିଖ: ୩୦.୦୬.୨୦୨୬

## ପଶ୍ଚିମ କେନ୍ଦ୍ରୀୟ ମାଳଭୂମି ଅଞ୍ଚଳ

## ଜିଲ୍ଲା – ବରଗଡ଼

**ପର୍ଯ୍ୟବେକ୍ଷଣ କେନ୍ଦ୍ରରେ ୨୪.୦୬.୨୦୨୬ ରୁ ୩୦.୦୬.୨୦୨୬ ମଧ୍ୟରେ ରେକର୍ଡ କରାଯାଇଥିବା ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଏବଂ ଜିଲ୍ଲାର ହାରାହାରି ବର୍ଷାପାତ**

| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | | | | | | | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | | | | | | | ବୃଷ୍ଟିପାତ (ମିଲି ମିଟର) | | | | | | |
|---|---|---|---|---|---|---|---|---|---|---|---|---|---|---|---|---|---|---|---|---|
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ | ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ | ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |
| 35 | 35 | 35 | 36 | 35 | 36 | 38 | 23 | 25 | 25 | 25 | 25 | 25 | 24 | 22 | 0 | 0 | 2 | 1 | 0 | 3 |

**ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ**

| ପାଣିପାଗ କାରକ | ୦୧-୦୭-୨୦୨୬ | ୦୨-୦୭-୨୦୨୬ | ୦୩-୦୭-୨୦୨୬ | ୦୪-୦୭-୨୦୨୬ | ୦୫-୦୭-୨୦୨୬ |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | 7 | 20 | 14 | 10 | 10 |
| ସର୍ବାଧିକ ତାପମାତ୍ରା (º ସେଣ୍ଟିଗ୍ରେଡ) | 35 | 35 | 33 | 33 | 32 |
| ସର୍ବନିମ୍ନ ତାପମାତ୍ରା (º ସେଣ୍ଟିଗ୍ରେଡ) | 24 | 25 | 25 | 24 | 23 |
| ମେଘ ଆବରଣ(ଓକଟା) | 4 | 6 | 5 | 5 | 4 |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 83 | 85 | 87 | 88 | 88 |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 58 | 57 | 63 | 65 | 64 |
| ପବନର ବେଗ (କିମି/ଘଣ୍ଟା ପ୍ରତି) | 7 | 10 | 8 | 11 | 16 |
| ପବନର ଦିଗ (ଡିଗ୍ରୀ) | 261 | 242 | 241 | 255 | 266 |

ଅଧିକ ଜାଣିବା ପାଇଁ, ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର, ଟେଲିଫୋନ# ୦୬୭୪-୨୫୯୬୧୧୬ରେ ଯୋଗାଯୋଗ କରନ୍ତୁ

## ପାଣିପାଗ ସାରାଂଶ/ସତର୍କ ସୂଚନା :

ଭାରତ ପାଣିପାଗ ବିଜ୍ଞାନ ବିଭାଗ, ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରର ମଧ୍ୟମ ଅବଧି ପୂର୍ବାନୁମାନ ଅନୁଯାୟୀ, ଆସନ୍ତା ସପ୍ତାହରେ ହାଲୁକା ରୁ ମଧ୍ୟମ ଧରଣର ବର୍ଷା ହେବା ସହିତ ଆକାଶ ଆଂଶିକ ରୁ ସାଧାରଣତଃ ମେଘାଚ୍ଛନ୍ନ ରହିବାର ସମ୍ଭାବନା ଅଛି । ଆଗାମୀ ସପ୍ତାହରେ ସର୍ବାଧିକ ତାପମାତ୍ରାରେ ସାମାନ୍ୟ ହ୍ରାସ ଦେଖିବାକୁ ମିଳିପାରେ । ଆସନ୍ତା ୫ ଦିନ ମଧ୍ୟରେ ଆର୍ଦ୍ରତାର ସ୍ଥିତି ଅଧିକ ରହିବା ସହିତ ୭ ରୁ ୧୬ କି.ମି. ପ୍ରତି ଘଣ୍ଟା ବେଗରେ ଦକ୍ଷିଣ-ପଶ୍ଚିମ ଦିଗରୁ ପବନ ବହିବାର ସମ୍ଭାବନା ବନିପାରେ ।

## ସାଧାରଣ ଉପଦେଶ

- ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରର ଜିଲ୍ଲା ସ୍ତରୀୟ ପାଣିପାଗ ପୂର୍ବାନୁମାନ ଅନୁଯାୟୀ, ଆଗାମୀ ସପ୍ତାହରେ ହାଲୁକା ରୁ ମଧ୍ୟମ ବର୍ଷା ସହିତ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଅଛି, ତେଣୁ ଚାଷୀମାନଙ୍କୁ କୃଷି କାର୍ଯ୍ୟ ଯଥା ବୁଣା, ରୋପଣ, ଜଳସେଚନ, ସିଞ୍ଚନ ଇତ୍ୟାଦି କାର୍ଯ୍ୟ କରିବା ସମୟରେ ସତର୍କତା ଅବଲମ୍ବନ କରିବାକୁ ତଥା ଅଧିକ ଜରୁରି ନ ଥିଲେ ଏହି ସବୁ କାମ ପାଇଁ କିଛି ଦିନ ଅପେକ୍ଷା କରିବାକୁ ପରାମର୍ଶ ଦିଆଯାଇଅଛି ।
- ଫସଲ ବିବିଧତା ଅନୁସରଣ କରନ୍ତୁ ଏବଂ ଫସଲ ନଷ୍ଟକୁ କମ କରିବା ପାଇଁ ଏକାଥରେ ବିହନ ନ ବୁଣି କିଛି କିଛି ଅନ୍ତରାଳରେ ବିହନ ବୁଣନ୍ତୁ ।
- ଡ୍ରିପ୍ ଏବଂ ସିଞ୍ଚା ଜଳସେଚନ ପ୍ରଣାଳୀ ବ୍ୟବହାର କରନ୍ତୁ, ଯାହା ସିଧାସଳଖ ଗଛ ମୂଳକୁ ପାଣି ପହଞ୍ଚାଏ ଏବଂ ବାଷ୍ପୀଭବନ ଯୋଗୁଁ ହେଉଥିବା କ୍ଷତିକୁ କମ କରେ ।
- ମୌସୁମୀ ସମୟରେ ବର୍ଷା ଜଳ ସଂରକ୍ଷଣ ପାଇଁ କ୍ଷେତରେ ବନ୍ଧଗୁଡିକର ମରାମତି କରି ତାକୁ ସୁଦୃଢ କରନ୍ତୁ ।
- ବର୍ଷାଜଳ ସଂଗ୍ରହର ଉଚିତ ବ୍ୟବସ୍ଥା କରନ୍ତୁ ଏବଂ ଧାନ ଫସଲ ପାଇଁ ବିକଳ୍ପ ଓଦା ଏବଂ ଶୁଖା ଜଳସେଚନ ପ୍ରଣାଳୀ ବ୍ୟବହାର କରନ୍ତୁ ।
- ନିୟମିତ ଭାବରେ ପାଣିପାଗ ଆଧାରିତ କୃଷି-ପରାମର୍ଶ ଅନୁସରଣ କରନ୍ତୁ ଏବଂ ସେହି ଅନୁସାରେ କୃଷି କାର୍ଯ୍ୟ ପରିଚାଳନା କରନ୍ତୁ ।

## ସଂକ୍ଷିପ୍ତ ଉପଦେଶ

• ଜୁଲାଇ ୩ ତାରିଖ ବେଳକୁ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ଯୋଗୁଁ, ଆଗାମୀ ଦିନରେ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ପୂର୍ବାନୁମାନ କରାଯାଇଛି, ତେଣୁ ଚାଷୀମାନଙ୍କୁ ଧାନ ବୁଣା ପାଇଁ ନର୍ସରୀ ବେଡ୍ ପ୍ରସ୍ତୁତି ଆରମ୍ଭ କରିଦେବାକୁ ପରାମର୍ଶ ଦିଆଯାଇଅଛି ।

## ପାଣିପାଗ ଭିତ୍ତିକ କୃଷିଏବଂ ପଶୁପାଳନ ଉପଦେଶ

| ଫସଲର ନାମ | ଫସଲ ଅବସ୍ଥା | କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ |
|---|---|---|
| ବର୍ଷା ଦିନିଆ (ଖରିଫ) ଧାନ | ଜମି ପ୍ରସ୍ତୁତି / ବିହନ ବୁଣିବା ଅବସ୍ଥା | • ଚାଷୀଭାଇମାନେ ପାଣିର ଉପଲବ୍ଧତା ଅନୁସାରେ ଧାନ ନର୍ସରୀ ପାଇଁ ଜମି ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ କରିଦେବା ଉଚିତ ।<br>• ଓଦା ତଳି ଘରା ବା ନର୍ସରୀ ପାଇଁ, ଭଲ ଭାବରେ କାଦୁଅ ହୋଇ ସମତଳ କରାଯାଇଥିବା ମାଟିରେ ପୂର୍ବରୁ ଅଙ୍କୁରିତ ବିହନଗୁଡ଼ିକୁ ଛିଞ୍ଚି ଦିଆଯାଇଥାଏ । ଆଗକୁ କିଛି ସ୍ଥାନରେ ଭାରି ବର୍ଷା ହେବାର ସମ୍ଭାବନାକୁ ଧ୍ୟାନରେ ରଖି ଅତ୍ୟଧିକ ପାଣିକୁ ସଠିକ୍ ଭାବରେ ନିଷ୍କାସନ କରିବା ପାଇଁ ଉଚିତ ବ୍ୟବସ୍ଥା କରାଯିବା ଆବଶ୍ୟକ ।<br>• ଗୋଟେ ଏକର ଜମିରେ ରୋପଣ ପାଇଁ ପ୍ରାୟ ୩୨୦ ବର୍ଗ ମିଟର କ୍ଷେତ୍ରଫଳ ବିଶିଷ୍ଟ ନର୍ସରୀ ତଳି ଘରା ଆବଶ୍ୟକ ହୋଇଥାଏ । ୧୦ ସେମି ଉଚ୍ଚ, ୧.୨ ରୁ ୧.୫ ମିଟର ଚଉଡା ଏବଂ ସୁବିଧାଜନକ ଲମ୍ବ ବିଶିଷ୍ଟ ଓଦା ନର୍ସରୀ ପ୍ରସ୍ତୁତ କରନ୍ତୁ । ଦୁଇଟି ବେଡ୍ ମଧ୍ୟରେ ୩୦ ରୁ ୪୫ ସେମି ଚଉଡାର ଭଲ ଭାବରେ ଜଳସେଚନ/ନିଷ୍କାସନ ପଥ ରଖିବା ଆବଶ୍ୟକ ।<br>• ନର୍ସରୀ ବୁଣା ପାଇଁ ଭଲ ଅମଳ ଦେଉଥିବା କିସମ ପାଇଁ ଏକର ପ୍ରତି ୧୨-୧୬ କିଲୋଗ୍ରାମ ବିହନ ଏବଂ ହାଇବ୍ରିଡ୍ ପାଇଁ ୫-୬ କିଲୋଗ୍ରାମ ବିହନ ବ୍ୟବହାର କରନ୍ତୁ । ପ୍ରତି ୧୦୦ ବର୍ଗ ମିଟର ନର୍ସରୀ ପାଇଁ କମ୍ ଉର୍ବର ଜମିରେ ଜମି ପ୍ରସ୍ତୁତି ସମୟରେ ଓଦା ନର୍ସରୀରେ ନାଇଟ୍ରୋଜେନ୍, ଫସଫରସ୍ ଏବଂ ପଟାସ ସାର ଯଥାକ୍ରମେ ୦.୫-୧.୦ କିଲୋଗ୍ରାମ, ୦.୫ କିଲୋଗ୍ରାମ ଓ ୦.୫ କିଲୋଗ୍ରାମ ପ୍ରୟୋଗ କରନ୍ତୁ ।<br>• ଜୁନ ମାସ ଶେଷ ସୁଦ୍ଧା ଯେଉଁଠାରେ ସମ୍ଭବ ହୁଏ, ଧାନ ବନ୍ଧରେ ହରଡ଼ ବା କାନ୍ଦୁଲ ବୁଣି ଦିଅନ୍ତୁ । |
| କପା | ବିହନ ବୁଣିବା ଅବସ୍ଥା | • ଆଗାମୀ ବର୍ଷା ଋତୁରେ ସ୍ୱାଭାବିକ ଠାରୁ କମ୍ ବର୍ଷା ହେବାର ବିଚାରକୁ ନେଇ, ମୁଖ୍ୟତଃ ବର୍ଷା ଆଧାରିତ କୃଷି ହେଉଥିବା ଅଞ୍ଚଳରେ ଚାଷୀମାନଙ୍କୁ ପର୍ଯ୍ୟାପ୍ତ ପରିମାଣରେ ମାଟିରେ ଆର୍ଦ୍ରତା ଜମା ହେବା ପରେ ହିଁ ବୁଣା କାମ କରିବାକୁ ପରାମର୍ଶ ଦିଆଯାଉଛି ।<br>• ସାଧାରଣ ଲଗାଣ ଏବଂ ଉଚ୍ଚ ଘନତା ଲଗାଣ ପାଇଁ ଏକ ଏକର ଜମିରେ ଯଥାକ୍ରମେ ୧ ଓ ୫ କିଲୋଗ୍ରାମ ବିହନ ବ୍ୟବହାର କରାଯିବା ଉଚିତ ।<br>• ବୁଣିବା ପୂର୍ବରୁ, ଶୋଷକ କୀଟରୁ ସୁରକ୍ଷା ପାଇଁ ବିହନକୁ ଇମିଡାକ୍ଲୋପ୍ରିଡ୍ ୭୦ ଡବ୍ଲ୍ୟୁ.ଜି. @ ୭ଗ୍ରା କୁ ପ୍ରତି କିଲୋ ବିହନ ସହିତ ମିଶାଇ ବିଶୋଧନ କରନ୍ତୁ । |
| ମକା | ବୁଣିବା ଅବସ୍ଥା | • ଆଗାମୀ ବର୍ଷାକୁ ଦୃଷ୍ଟିରେ ରଖି, ଯେଉଁ ଚାଷୀଭାଇମାନେ ଏପର୍ଯ୍ୟନ୍ତ ମକା ବିହନ ବୁଣା କାର୍ଯ୍ୟ ଆରମ୍ଭ କରିନାହାଁନ୍ତି, ସେମାନଙ୍କୁ ମାଟିରେ ଉପଯୁକ୍ତ ଆର୍ଦ୍ରତା ଥିବା ଅବସ୍ଥାରେ ବୁଣା କାର୍ଯ୍ୟ ଆରମ୍ଭ କରିଦେବାକୁ ପରାମର୍ଶ ଦିଆଯାଉଛି । ଆଗାମୀ ଦିନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଚାଷୀମାନେ ବର୍ଷା ପରେ କ୍ଷେତରୁ ଅତିରିକ୍ତ ପାଣି ନିଷ୍କାସନ କରି ମକା ବିହନ ବୁଣିବା କାର୍ଯ୍ୟ ଆରମ୍ଭ କରିବା ଉଚିତ ।<br>• ଘାସ ପରିଚାଳନା: ମକା ଖେତରେ ଘାସ ନିୟନ୍ତ୍ରଣ ପାଇଁ, ଚାଷୀମାନେ ବୁଣିବାର ୩ ଦିନ ମଧ୍ୟରେ ପର୍ଯ୍ୟାପ୍ତ ମାଟି ଆର୍ଦ୍ରତାରେ ପ୍ରତି ଏକର ପିଛା ୨୦୦ ଲିଟର ପାଣିରେ ୫୦୦ ରୁ ୮୦୦ ଗ୍ରାମ ଆଟ୍ରାଜିନ୍ ୫୦% ଡବ୍ଲ୍ୟୁପି. କୁ ଭଲଭାବରେ ମିଶାଇ ସଫା ପାଗରେ ଖେତରେ ପ୍ରୟୋଗ କରନ୍ତୁ । ଯଦି ଦରକାର ପଡେ କ୍ଷେତରୁ ଅତିରିକ୍ତ ପାଣି ନିଷ୍କାସନ କରି ସିଞ୍ଚନ କାର୍ଯ୍ୟ କରନ୍ତୁ । |
| ହରଡ଼ | ବୁଣିବା ଅବସ୍ଥା | • ହରଡ଼ରେ ମାଟି ଏବଂ ବିହନ ବାହିତ ରୋଗ ନିୟନ୍ତ୍ରଣ ପାଇଁ, ଫସଲ ବୁଣିବା ପୂର୍ବରୁ ଯେକୌଣସି ଉପଯୁକ୍ତ କବକନାଶକ ସହିତ ବିହନ ବିଶୋଧନ କରିବା ଉଚିତ ଏବଂ ରାଇଜୋବିୟମ୍ କଲଚର @ ୨୦ ଗ୍ରାମ ପ୍ରତି କିଲୋଗ୍ରାମ ବିହନ ସହିତ ଏବଂ ତା'ପରେ ଟ୍ରାଇକୋଡର୍ମା ଭିରିଡେ ୫ ରୁ ୭ ଗ୍ରାମ / କିଲୋଗ୍ରାମ ବିହନ ସହିତ ବୁଣିବାର କିଛି ଘଣ୍ଟା ପୂର୍ବରୁ ବିଶୋଧନ କରିଯିବା ଉଚିତ ।<br>• ଘାସ ପରିଚାଳନା: ବୁଣିବାର ୭୨ ଘଣ୍ଟା ମଧ୍ୟରେ ୧ ଲିଟର ପେଣ୍ଡିମିଥାଲିନ୍ ୩୦% ଇସିକୁ ପ୍ରତି ଏକର ହିସାବରେ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।<br>• ଆଗାମୀ ବର୍ଷାକୁ ଦୃଷ୍ଟିରେ ରଖି, ଚାଷୀମାନେ ବିହନ ବୁଣା ତଥା ସିଞ୍ଚନ କାର୍ଯ୍ୟ ପାଇଁ କିଛି ଦିନ ଅପେକ୍ଷା କରନ୍ତୁ । |

<table>
<tr>
<td>ବର୍ଷାଦିନିଆ ପନିପରିବା</td>
<td>ନର୍ସରୀ ବେଡ୍ ପ୍ରସ୍ତୁତି / ବୁଣା / ଚାରା ଅବସ୍ଥା / ରୋପଣ</td>
<td>• ପ୍ରଚଳିତ ପାଣିପାଗରେ ପନିପରିବା ଫସଲରେ ବିଭିନ୍ନ ପ୍ରକାରର ଶୋଷକ ପୋକମାନଙ୍କର ସଂକ୍ରମଣ ବଢିବାର ସମ୍ଭାବନା ଦେଖାଯାଇପାରେ ତେଣୁ ଏହାର ନିୟମିତ ନିରୀକ୍ଷଣ କରିବାକୁ ପରାମର୍ଶ ଦିଆଯାଇଅଛି । ଯଦି ପ୍ରକୋପ ଦେଖାଯାଏ ତା'ହେଲେ ୦.୩ ରୁ ୦.୫ ଗ୍ରାମ ଥାୟାମିଥୋକ୍ସାମ ୨୫ % ଡବ୍ଲୁ.ଜି. କିମ୍ବା ଇମିଡାକ୍ଲୋରପ୍ରିଡ ୧୭.୮ % ଏସ.ଏଲ. @ ୦.୩ ମିଲିକୁ ଗୋଟେ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।<br>• ଏହି ସପ୍ତାହରେ ବର୍ଷା / ଘଡ଼ଘଡ଼ି ସହିତ ପ୍ରବଳ ପବନ ବହିବାର ସମ୍ଭାବନାକୁ ଧ୍ୟାନରେ ରଖି ଔଷଧର ପ୍ରୟୋଗ କାର୍ଯ୍ୟରେ ଆବଶ୍ୟକ ସାବଧାନତା ଅବଲମ୍ବନ କରିବାକୁ ତଥା ପନିପରିବାଗୁଡ଼ିକୁ ଅଧିକ ପବନର ଗତିରୁ ରକ୍ଷା କରିବା ପାଇଁ ସେମାନଙ୍କୁ ଯାନ୍ତ୍ରିକ ସହାୟତା ପ୍ରଦାନ କରିବାକୁ ପରାମର୍ଶ ଦିଆଯାଇଅଛି ।<br>• ଆସନ୍ତା ଦିନରେ ହେବାକୁ ଥିବା ବର୍ଷାର ସ୍ଥିତିକୁ ଧ୍ୟାନରେ ରଖି, ଚାଷୀଭାଇମାନେ ଖରିଫ ପନିପରିବା ଫସଲ ପାଇଁ ଉପଯୁକ୍ତ ଉପଯୁକ୍ତ ଜଳ ନିଷ୍କାସନର ସୁବିଧା ସହିତ ନର୍ସରୀ ବେଡ୍ ପ୍ରସ୍ତୁତି ଏବଂ ସେଥିରେ ବୁଣା କାର୍ଯ୍ୟ ଆରମ୍ଭ କରିଦେବା ଉଚିତ ।</td>
</tr>
<tr>
<td>ପଶୁ ପାଳନ</td>
<td colspan="2">• ପ୍ରଚଳିତ ପାଣିପାଗ ଯୋଗୁଁ ଅନେକ ପ୍ରକାରର ସଂକ୍ରାମକ ପଶୁ ରୋଗ ଯେପରିକି ସାହାଣ, ବଜବଜିଆ, ଫାଟୁଆ ଆଦି ରୋଗମାନଙ୍କର ସଂକ୍ରମଣ ଏବଂ ମଶା, ମାଛି ଓ ବିଭିନ୍ନ ଅଣୁଜୀବଙ୍କ ସଂଖ୍ୟା ବୃଦ୍ଧି ପାଇପାରେ, ତେଣୁ ଏହା ପ୍ରତି ସତର୍କ ରୁହନ୍ତୁ ଏବଂ ଯଥାଶୀଘ୍ର ଏହି ରୋଗମାନଙ୍କ ପାଇଁ ଟୀକାକରଣର ବ୍ୟବସ୍ଥା କରନ୍ତୁ ଓ ଆବଶ୍ୟକ ସ୍ଥଳେ କୃମିନାଶକ ଔଷଧର ସେବନ ନିଶ୍ଚୟ କରାନ୍ତୁ ।<br>• ଆଗାମୀ ସପ୍ତାହରେ ଝଡ଼ ଏବଂ ବଜ୍ରପାତ ହେବାର ସମ୍ଭାବନା ଥିବାରୁ, ଘଡ଼ଘଡ଼ି ଶବ୍ଦ ଶୁଣିବା କିମ୍ବା ବଜ୍ରପାତ ଦେଖାଯିବା ମାତ୍ରେ ଚାଷୀମାନେ ସମସ୍ତ ଗାଈ, ମଇଁଷି ଏବଂ ଛେଳିଙ୍କୁ ସୁରକ୍ଷିତ, ଚାରିପଟୁ ଘୋଡ଼ାହୋଇଥିବା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରନ୍ତୁ । ଧାତୁ ବାଡ଼, ଗଛ କିମ୍ବା ଧାତୁ ବସ୍ତୁ ବାହାରେ କିମ୍ବା ନିକଟରେ ପଶୁମାନଙ୍କୁ ବାନ୍ଧିବେ ନାହିଁ ।<br>• ଆଗାମୀ ପ୍ରବଳ ବର୍ଷା ଯୋଗୁଁ ଗୁହାଳ ଭିତରକୁ ବର୍ଷା ପାଣି ସିଧାସଳଖ ପ୍ରବେଶ ନ କରୁ ତା'ର ଉଚିତ ବ୍ୟବସ୍ଥା କରନ୍ତୁ ।</td>
</tr>
<tr>
<td>କୁକୁଡ଼ା ପାଳନ</td>
<td colspan="2">• କୁକୁଡ଼ାମାନଙ୍କ କ୍ଷେତ୍ରରେ ବର୍ଷାଦିନେ ସାଧାରଣତଃ ଶ୍ବାସ ଜନିତ ରୋଗ, ଝାଡାରୋଗ ଓ ଆନ୍ତ୍ରିକ ରୋଗ ଦେଖିବାକୁ ମିଳିପାରେ ତେଣୁ କୁକୁଡ଼ା ଘର ସବୁବେଳେ ଶୁଖିଲା ଓ ସଫା ରଖନ୍ତୁ । ମଝି ମଝିରେ ବର୍ଷା ଯୋଗୁଁ ସୃଷ୍ଟି ହେଉଥିବା ଓଦା ପରିବେଶରେ ରୋଗ ବହନକାରୀ କୀଟପତଙ୍ଗଙ୍କ ବଂଶବୃଦ୍ଧିକୁ ରୋକିବା ପାଇଁ ନିୟମିତ ଭାବରେ ଜୀବାଣୁନାଶକ ବ୍ୟବହାର କରନ୍ତୁ । ଋତୁକାଳୀନ ଟୀକାକରଣ ସମୟସୂଚୀ ବିଷୟରେ ସ୍ଥାନୀୟ ପଶୁଚିକିତ୍ସକଙ୍କ ସହିତ ପରାମର୍ଶ କରନ୍ତୁ, ବିଶେଷକରି କୁକୁଡ଼ାଙ୍କ ରାଣୀକ୍ଷେତ ବା ଘୁମା ରୋଗ ପାଇଁ ।<br>• ବର୍ଷାଦିନେ ପାନୀୟ ଜଳ ଦୂଷିତ ହେବାର ସମ୍ଭାବନା ଅଧିକ ଥିବା ଯୋଗୁଁ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ନିହାତି କରିବା ଆବଶ୍ୟକ ।</td>
</tr>
</table>



| | |
|---|---|
| **Mrs. Jubuli Sahu**<br>**Junior Agrometeorologist,**<br>**AMFU, RRTTS, Chiplima** | **Dr. Sanjukta Mohapatra**<br>**ADR cum Nodal Officer**<br>**RRTTS, Chiplima** |



- କୃଷି ରେ ଉତ୍ତମ ଲାଭ ପାଇଁ, **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟାପିଏମ୍, ଟିସୁ କଲଚର ପ୍ଲାଣ୍ଟ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ମହୁମାଛି ଓ ସ୍ୱୋନ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ।
- ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ପାଇଁ ମେଘଦୂତ ମୋବାଇଲ ଆପ (https://play.gooogle.com/store/apps/details?id=com.aas.meghdoot) ତଥା ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ (https://play.google.com/store/apps/details?id=com.lightening.live.damini) ଓ ସ୍ଥାନ ନିର୍ଦ୍ଦିଷ୍ଟ ପୂର୍ବାନୁମାନ ଏବଂ ଚେତାବନୀ ପାଇଁ ମୌସମ ଆପର ବ୍ୟବହାର କରିପାରିବେ।